# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 12 March - 2026

*********************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ଚତୁର୍ଥ ଦିନରେ ଆଜି ଅପରାହ୍ଣରେ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଖର୍ଚ୍ଚ ଦାବି ଉପରେ ଗୃହରେ ଚାଲିଛି ଆଲୋଚନା

- ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍ ଏବଂ ପେଟ୍ରୋଲ-ଡିଜେଲ ଉପଲବ୍ଧ ଅଛି; ସ୍ପଷ୍ଟ କଲେ ସରକାର

- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସୁନ୍ଦରଗଡ଼ ଓ କଟକ ଜିଲ୍ଲାରେ ୧୧୬ ଜଣ ବର-କନ୍ୟାଙ୍କର ବିବାହ ସମ୍ପନ୍ନ

ଏବଂ

- ଚଳିତମାସ ୨୮ ତାରିଖରେ ରାଜ୍ୟର ସମସ୍ତ ବାର୍‌ଗୁଡ଼ିକର ହେବ ନିର୍ବାଚନ

## ବିଧାନସଭା

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ଚତୁର୍ଥ ଦିନରେ ରାଜ୍ୟରେ ରନ୍ଧନ ଗ୍ୟାସ ଅଭାବ ଏବଂ କଳାବଜାରୀକୁ ନେଇ ଆଜି ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ବିରୋଧୀ କଂଗ୍ରେସ ଓ ବିଜେଡିର ସଦସ୍ୟମାନେ ହଟ୍ଟଗୋଳ କରିବା ସହିତ ନିଜ ନିଜ ଆସନରେ ଛିଡ଼ା ହୋଇ ରହିବା କାରଣରୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ଯୋଗୁଁ ବାଚସ୍ପତି ସୁରମା ପାଢ଼ି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

ଦ୍ୱିତୀୟାର୍ଦ୍ଧ ବୈଠକ ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା । ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ ଗୃହ ପରିଚାଳନା ସମୟରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ସମ୍ପର୍କିତ ଖର୍ଚ୍ଚ ଦାବି ଆଗତ ପାଇଁ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଉପସ୍ଥାପନ କରିବା ପାଇଁ କହିଥିଲେ । ମନ୍ତ୍ରୀ ଶ୍ରୀ ଗଣ୍ଡ ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୬ ହଜାର ୬୪୯ କୋଟି ୨୮ ଲକ୍ଷ ୧୨ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିବା ପରେ ଗୃହରେ ସ୍ୱାଭାବିକ ବାତାବରଣ ମଧ୍ୟରେ ଆଲୋଚନା ହୋଇଥିଲା ।

## ରନ୍ଧନ ଗ୍ୟାସ୍

ରାଜ୍ୟରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ

ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍ ଉପଲବ୍ଧ ଅଛି ଏବଂ ଜନସାଧାରଣ ଏ ସଂକ୍ରାନ୍ତରେ ବିବ୍ରତ ନ ହେବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ଗ୍ୟାସ ବିତରକ ଏବଂ ବିତରଣ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା । ଖାଉଟିମାନେ ଯେପରି ରନ୍ଧନ ଗ୍ୟାସ୍, ପେଟ୍ରୋଲ, ଡିଜେଲ ଯୋଗାଣ ନେଇ ବିଶେଷ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବା ପାଇଁ ଉପସ୍ଥିତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଖାଦ୍ୟ ଯୋଗାଣ ବିଭାଗ, ଓଡ଼ିଶା ଖାଦ୍ୟ ନିଗମ ସମେତ ବିଭିନ୍ନ ଗ୍ୟାସ୍ ଓ ତୈଳ କମ୍ପାନୀର ବରିଷ୍ଠ କର୍ମକର୍ତ୍ତାମାନେ ବୈଠକରେ ଯୋଗ ଦେଇଥିଲେ ।

## ବିଧାନସଭା– ବାଲିରପ୍ତାନୀ

ରାଜ୍ୟର ୪ଟି ଜିଲ୍ଲାରେ ବାହାର ରାଜ୍ୟକୁ ବାଲି ରପ୍ତାନୀ ହେଉଛି ବୋଲି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି । କଟକ, ଜଗତସିଂହପୁର, ଯାଜପୁର ଓ କେନ୍ଦ୍ରାପଡ଼ାରୁ ଆଣ୍ଡାମାନ ଓ ନିକୋବାର ଦ୍ୱୀପକୁ ବାଲି ରପ୍ତାନୀ କରାଯାଉଛି । ଗଜପତି ଓ ରାୟଗଡ଼ାରୁ ଆନ୍ଧ୍ରପ୍ରଦେଶ, ଯାଜପୁରରୁ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡକୁ ବାଲି ରପ୍ତାନୀ କରାଯାଉଛି ବୋଲି ମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି ।

## ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆସାମର ଗୌହାଟୀଠାରେ ପିଏମ୍ କିଷାନ୍ ସମ୍ମାନ ନିଧି ଯୋଜନାର ୨୨ତମ ଅର୍ଥରାଶି ପ୍ରଦାନ କରିବେ । ଏଥିରେ ପାଖାପାଖି ୯ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୧୮ ହଜାର ୬୪୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେଠାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ କରିବେ ।

## ସାଇବର କବଚ

ସାଇବର ଅପରାଧ ନେଟ୍‌ୱର୍କକୁ ସଂପୂର୍ଣ୍ଣ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ୍ ପକ୍ଷରୁ ଆରମ୍ଭ କରାଯାଇଥିବା ଅପରେସନ୍ ସାଇବର 'କବଚ' ଅଭିଯାନ ରାଜ୍ୟରେ ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ସୂଚନା ଅନୁସାରେ, ଆଜି ସୁଦ୍ଧା ୩୭ ହଜାର ୯୪ଟି ବ୍ୟାଙ୍କ ଆକାଉଣ୍ଟକୁ ଯାଞ୍ଚ କରାଯାଇଛି । ସାଇବର ଅପରାଧ ଅଭିଯୋଗରେ ଜଡିତ ୩୬୫ ଜଣଙ୍କୁ ଗିରଫ କରାଯାଇଛି । ଏହା ବ୍ୟତୀତ ୭ ହଜାର ୨୭୬ ଜଣ ସଂଦିଗ୍ଧ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ଆଇନ୍‌ଗତ ନୋଟିସ୍ ଜାରି କରାଯାଇଛି ।  ଡିଜିଟାଲ ଆର୍ଥିକ ନେଣଦେଣ କାରବାରର ସୁରକ୍ଷା ଏବଂ ଏକ ସାଇବର ଅପରାଧମୁକ୍ତ ସମାଜ ଗଠନ ପାଇଁ ଓଡ଼ିଶା ପୁଲିସ୍ ପକ୍ଷରୁ ଏହି ଅଭିଯାନ ଜାରି ରହିଛି ।

## ବିମାନ ପ୍ରଶିକ୍ଷଣ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରଠାରେ ଉଡାଣ ନିରାପତ୍ତା ସମ୍ପର୍କିତ ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଜାରି ରହିଛି । ରାଜ୍ୟର ବିଭିନ୍ନ ବିମାନ ବନ୍ଦରରେ ନିୟୋଜିତ ସୁରକ୍ଷାକର୍ମୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପ୍ରଶିକ୍ଷଣ ଶିବିର ୧୫ ଦିନ ଧରି ଚାଲିବ । ଶିବିରରେ ବରିଷ୍ଠ ପ୍ରଶିକ୍ଷକମାନେ ବିମାନ ବନ୍ଦରର ସୁରକ୍ଷା ବ୍ୟବସ୍ଥା, ଜରୁରିକାଳୀନ ପରିଚାଳନା ଏବଂ ଆଧୁନିକ ବୈଷୟିକ କୌଶଳ ସମ୍ପର୍କିତ ପ୍ରଶିକ୍ଷଣ ଦେଇଥିଲେ ।

## କନ୍ୟା ବିବାହ ଯୋଜନା

'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅଧୀନରେ ଆଜି କଟକ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ସାମୂହିକ ବିବାହର ଆୟୋଜନ କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କଟକ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି, ଯୋଜନା ଅଧୀନରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ସରକାର ପ୍ରଦାନ କରୁଛନ୍ତି । ସେଥିମଧ୍ୟରୁ ୪୫ ହଜାର ଟଙ୍କା ସିଧାସଳଖ କନ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଉଛି । ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି ।

**- V/O -**

କଟକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ୫୫ ଯୋଡା ବରବଧୂଙ୍କ ବିବାହ ସମ୍ପନ୍ନ ହୋଇଛି ।

**ସୁନ୍ଦରଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ ସଦର କଲ୍ୟାଣ ମଣ୍ଡପଠାରେ ଏହି ଯୋଜନାରେ ୬୧ ଜଣ ଦମ୍ପତ୍ତି ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ କରିଛନ୍ତି । ଜିଲ୍ଲା ପ୍ରଶାସନର ବରିଷ୍ଠ କର୍ମକର୍ତ୍ତାଙ୍କର ସହଯୋଗରେ ଏହି ସାମୂହିକ ବିବାହ ଉତ୍ସବର ଆୟୋଜନ କରାଯାଇଥିଲା ।

## ୱାନ୍ ବାର – ୱାନ୍ ଭୋଟ୍

ରାଜ୍ୟର ସମସ୍ତ ଅନୁବନ୍ଧିତ ବାର୍ ଆସୋସିଏସନ୍‌ଗୁଡ଼ିକର ନିର୍ବାଚନ ଚଳିତମାସ ୨୮ ତାରିଖରେ ହେବ ବୋଲି ରାଜ୍ୟ ଆଇନ୍‌ଜୀବୀ ପରିଷଦର ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଛି । ରାଜ୍ୟର ସମସ୍ତ ୧୫୮ଟି ଅନୁବନ୍ଧିତ ବାର୍ ଆସୋସିଏସନ୍‌ର ୩୮ ହଜାର ୮୮୩ ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ନିର୍ବାଚନ ୨୮ ତାରିଖ ଦିନ ସକାଳ ୭ ଟା ୩୦ ମିନିଟ୍‌ରୁ ଆରମ୍ଭ ହୋଇ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିବ । ଭୋଟ ଗ୍ରହଣ ପ୍ରକ୍ରିୟାକୁ ଭିଡିଓଗ୍ରାଫି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ଆଇନ୍‌ଜୀବୀ ପରିଷଦ ଦ୍ୱାରା ପ୍ରସ୍ତୁତ ଓ ପ୍ରକାଶିତ ଚୂଡାନ୍ତ ଭୋଟର ତାଲିକା, ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟତାଲିକା ଓ ନିର୍ଦ୍ଦେଶାବଳୀ ଗତ ମାସରେ ବାର୍ ଆସୋସିଏନ୍‌ଗୁଡ଼ିକୁ ପଠାଯାଇଥିଲା । ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବା ସହିତ ପରବର୍ତ୍ତୀ ଆପତ୍ତି ଅଭିଯୋଗର ସମାଧାନ ପାଇଁ ୩ ଜଣ ବରିଷ୍ଠ ଆଇନ୍‌ଜୀବୀଙ୍କୁ ଦାୟିତ୍ୱ ଦିଆଯାଇଛି ।

## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା

**କେନ୍ଦୁଝର** ଜିଲ୍ଲାରୁ ୨୨୨ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ସାମିଲ ହୋଇ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ଜିଲ୍ଲା ସଦର ମହକୁମାଠାରୁ ଓଏସ୍ଆରଟିସିର ୬ଟି ବସ୍ ଯୋଗେ ଆଜି ଯାତ୍ରା କରିଛନ୍ତି ।

## ଦୀକ୍ଷାନ୍ତ ଉତ୍ସବ

**ନୟାଗଡ଼** ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟ ପରିସରରେ ପ୍ରଥମ ଦଫା ପୁଲିସ୍ ଗାଡ଼ି ଚାଳକମାନଙ୍କର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ୍ ଏକାଡେମୀର ନିର୍ଦ୍ଦେଶକ ଅନୁପ୍ କୁମାର ସାହୁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ ନେଇଥିବା ପୁଲିସ୍ ଗାଡିଚାଳକମାନେ ଅନ୍ୟ ଗାଡିଚାଳକମାନଙ୍କଠାରୁ କିପରି ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡିବ, ସେ ସମ୍ବନ୍ଧରେ ବୁଝାଇଥିଲେ । ବିଗତବର୍ଷ ଅକ୍ଟୋବର ମାସ ଦ୍ୱିତୀୟ ସପ୍ତାହରୁ ପ୍ରାୟ ୨୦୦ ଜଣ ଡ୍ରାଇଭର ଏହି ପ୍ରଶିକ୍ଷଣ ଶିବିରରେ ତାଲିମ୍ ନେଇଛନ୍ତି ।

## ତିଖାଲି ଉତ୍ସବ

**ନୂଆପଡା** ଜିଲ୍ଲାର ଅନ୍ୟତମ ପ୍ରମୁଖ ତିଖାଲି ଡେମ୍ ଲୋକ ମହୋତ୍ସବ ଆସନ୍ତାକାଲି ଆରମ୍ଭ ହେବ । ୩ ଦିନ ଧରି ହେବାକୁଥିବା ଏହି ମହୋତ୍ସବରେ ପ୍ରତିଭା ପୂଜନ, ନୃତ୍ୟଗୀତ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଚଳିତବର୍ଷ ବିବିଧତା ମଧ୍ୟରେ ଏକତା ପରିଚୟ ନେଇ ମହୋତ୍ସବ ପାଳନ କରାଯାଉଛି ।

## ବୈଠକ

**କଳାହାଣ୍ଡି** ଜିଲ୍ଲାପାଳ ପାଓ୍ୱାର ସଚିନ୍ ପ୍ରକାଶଙ୍କ ଅଧ୍ୟକ୍ଷତାରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ-ଡିଜେଲ ବିତରକମାଙ୍କର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖାଉଟିମାନେ ଗ୍ୟାସ୍ କିମ୍ବା ପଟ୍ରୋଲ-ଡିଜେଲ ସମ୍ପର୍କିତ କୌଣସି କଳାବଜାରୀର ଅଭିଯୋଗ ପାଇଲେ ଜିଲ୍ଲା କଣ୍ଟ୍ରୋଲ ରୁମ୍ ନମ୍ବର ୯୪୩୮୨-୦୦୦-୪୫କୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଏବଂ ତହସିଲଦାରଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ କମିଟି ଗଠନ କରାଯାଇ ଯୋଗାଣ ଶୃଙ୍ଖଳକୁ ସଠିକ୍ ରଖିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଗ୍ୟାସ୍ କଳାବଜାରୀ

**ସମ୍ବଲପୁର** ଜିଲ୍ଲାରେ ଗ୍ୟାସ୍ କଳାବଜାରୀ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ଗ୍ୟାସ୍ ବିତରକମାନେ କଳାବଜାରୀ କରିବାର ଅଭିଯୋଗ ଆସିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ଦାଣ୍ଡିଯାତ୍ରା

ଭାରତକୁ ସ୍ୱାଧୀନ କରିବା ପାଇଁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୩୦ ମସିହା ଆଜିର ଦିନରେ ସାବରମତି ଆଶ୍ରମରୁ ଦାଣ୍ଡିଯାତ୍ରା ଆରମ୍ଭ ହୋଇଥିଲା। ଐତିହାସିକ ଦାଣ୍ଡିଯାତ୍ରା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ

ଅନନ୍ୟ ଅଧ୍ୟାୟ। ଗାନ୍ଧିଜୀ ଏବଂ ଦେଶର ଅନେକ ସ୍ୱାଧୀନତା ସଂଗ୍ରାମୀ ବ୍ରିଟିଶ ଶାସନ ବିରୁଦ୍ଧରେ ଦେଶ ପାଇଁ ବଳିଦାନ ଦେଇଥିଲେ। ଓଡ଼ିଶାର ଇଞ୍ଚୁଡ଼ିରେ ମଧ୍ୟ ଲବଣ ସତ୍ୟାଗ୍ରହର ଯେଉଁ ପ୍ରତିଫଳନ ଦେଖିବାକୁ ମିଳିଥିଲା, ତାହା ଓଡ଼ିଆ ଜାତିର ବୀରତ୍ୱ ଓ ବଳିଦାନର ପ୍ରତୀକ। ମୁଠାଏ ଲୁଣ ସେଦିନ ପ୍ରତ୍ୟେକ ଭାରତୀୟଙ୍କ ମନରେ ଯେଉଁ ଆତ୍ମବଳ ଓ ସ୍ୱରାଜର ନୂତନ ମନ୍ତ୍ର ଭରିଥିଲା ତାହା ଦେଶର ମୁକ୍ତି ପାଇଁ ପଥ ପ୍ରଶସ୍ତ କରିଥିଲା।

# ବିଶ୍ୱ କିଡ୍‌ନୀ ଦିବସ

ମନୁଷ୍ୟ ଶରୀରରେ କିଡ୍‌ନୀର ଗୁରୁତ୍ୱ ଏବଂ ଏହାର ସୁସ୍ଥତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ କିଡ୍‌ନୀ ଦିବସ ପାଳନ କରାଯାଉଛି । ଚଳିତବର୍ଷର ଏହି ଦିବସର ବାର୍ତ୍ତା ରହିଛି 'ସମସ୍ତଙ୍କ ପାଇଁ ସୁସ୍ଥ କିଡ୍‌ନୀ, ଲୋକଙ୍କ ଯତ୍ନ ନେବା, ଗ୍ରହକୁ ସୁରକ୍ଷା ଦେବା' ।

## ପାଣିପାଗ

ରାଜ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଉଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଝାରସୁଗୁଡ଼ାରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଦଶମିକ ୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ସମ୍ବଲପୁର, ସୁନ୍ଦରଗଡ଼ ଏବଂ ହୀରାକୁଦରେ ତାପମାତ୍ରା ୩୯ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିଲା। ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିଲା। ସୂଚନା

ଅନୁସାରେ, ଆଜିଠାରୁ ତାପମାତ୍ରା ବୃଦ୍ଧି ପାଇବ ଏବଂ ଆଗାମୀ ଦିନରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।